**୩୦୦୦ କାଉଡ଼ିଆଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ସହର ଉପକଣ୍ଠ ରାମେଶ୍ୱରପୁରସ୍ଥିତ ସାଇସେବା ଦଳ ତରଫରୁ ୩୦୦୦ କାଉଡ଼ିଆଙ୍କ ପାଇଁ ନିଃଶୁଳ୍କ ପ୍ରସାଦ ସେବନ, ଔଷଧ ସେବା ବ୍ୟବସ୍ଥା କରାଯାଇଛି। ଶ୍ରାବଣ ମାସ ତୃତୀୟ ସୋମବାର କପିଳାସ ପୀଠକୁ ଜଳଲାଗି ନିମନ୍ତେ ଆସୁଥିବା କାଉଡ଼ିଆଙ୍କ ଲାଗି ସାଇ ଅନୁଗାମୀଙ୍କ ପକ୍ଷରୁ କରାଯାଇଥିବା ଏଭଳି ସେବାକୁ ଭୂୟସୀ ପ୍ରଶଂସା କରାଯାଇଛି।

## ସଂକ୍ଷେପରେ

### ବଡ଼ଭାଇ ଶାବଳ ମାଡ଼ରେ ସାନ ଗୁରୁତର



କାମାକ୍ଷାନଗର, ୨୦।୮ (ଅମ୍‌ଜାଦ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଇସିଙ୍ଗା ଗ୍ରାମରେ ରବିବାର ଜମିବାଡ଼ି ବିବାଦକୁ କେନ୍ଦ୍ରକରି ବଡ଼ଭାଇଙ୍କ ଶାବଳ ମାଡ଼ରେ ସାନଭାଇ ଗୁରୁତର ହୋଇଛନ୍ତି। ଅଭିଯୁକ୍ତ ବଡ଼ଭାଇଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ରସାନନ୍ଦ ଏବଂ ତାଙ୍କ ବଡ଼ଭାଇ ଦୁଃଶାସନଙ୍କ ମଧ୍ୟରେ ଦୀର୍ଘଦିନ ହେଲା ଜମିବାଡ଼ି ବିବାଦ ଲାଗି ରହିଥିଲା। ରବିବାର ଅପରାହ୍ନ ସାଢ଼େ ୩ଟାରେ ଏହା ଉଗ୍ରରୂପ ନେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଦୁଃଶାସନ ସାନଭାଇ ରସାନନ୍ଦଙ୍କ ମୁଣ୍ଡକୁ ଶାବଳରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ପାଇ ପୋଲିସ ଶାବଳ ଜବତ କରିଛି। ଖବର ଲେଖାଯିବା ସୁଦ୍ଧା ଥାନାରେ ଏତଲା ରୁଜୁ ହୋଇ ନ ଥିବା ପୋଲିସ କହିଛି।

### ମଦନିଶାରେ ପୋଡ଼ିଦେଲେ ଘର



କାମାକ୍ଷାନଗର, ୨୦।୮ (ଅମ୍‌ଜାଦ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାନପୁରା ପଞ୍ଚାୟତ ପଲ୍ଲିସାମନ୍ତରାପୁର ଗ୍ରାମର ଜଣେ ନିଶାସକ୍ତ ଯୁବକ ଅଭାବନୀୟ କାଣ୍ଡ ଘଟାଇଛନ୍ତି। ହିତାହିତ ଜ୍ଞାନ ହରାଇ ସେ ନିଜ ଘରେ ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ କହିଛନ୍ତି। ଫଳରେ ସମ୍ପୃକ୍ତ ଯୁବକଙ୍କ ଏକମାତ୍ର ଘର ପୋଡ଼ିଯାଇଛି। ଦିନ ମଜୁରିଆ ଭାବେ କାମ କରୁଥିବା ସମ୍ପୃକ୍ତ ଯୁବକ ରବିବାର ସନ୍ଧ୍ୟାରେ ଅତ୍ୟଧିକ ମଦ୍ୟପାନ କରି ଘରକୁ ଆସି ପରିବାର ଲୋକଙ୍କ ସହ ଗଣ୍ଡଗୋଳ କରିଥିଲେ। ପରେ ଘରେ ନିଆଁ ଲଗାଇ ଦେଇଥିଲେ। କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ସବୁକିଛି ଛାରଖାର ହୋଇଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ହେପାଜତକୁ ନେଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଦେବୋତ୍ତର ବିଭାଗ ଉପରେ ବର୍ଷିଲେ ଜିଲାପାଳ

ଢେଙ୍କାନାଳ, ୨୦।୮ (ରତନ ନାୟାର)



■କପିଳାସ ଟୋଲଗେଟ୍ କର୍ମଚାରୀଙ୍କ ନିର୍ଯାତନାରେ ଶ୍ରଦ୍ଧାଳୁ ଅତିଷ୍ଠ
■ଅଧିକାରୀ ଓ କର୍ମଚାରୀ ଦୋଷୀ ସାବ୍ୟସ୍ତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ କପିଳାସ ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ଟୋଲ୍‌ଗେଟ୍ କର୍ମଚାରୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇପଡ଼ିଲେଣି। ଜିଲା ପ୍ରଶାସନ, ପୋଲିସର ତାଗିଦ୍ ସତ୍ତ୍ୱେ ଲିଜ୍‌ଧାରୀ ସାମାନ୍ୟ ଖାତିର କରୁନାହାନ୍ତି। ପୀଠ ପାଦଦେଶରେ ପାର୍କିଂ ଫି' ଦାଖଲ କରି ଯାଉଥିବା ବାଇକ୍ ଆରୋହୀଙ୍କଠାରୁ ମନ୍ଦିର ନିକଟରେ ପୁନର୍ବାର ଆର୍ଥିକ ଶୋଷଣ କରାଯାଉଛି। ଶ୍ରାବଣ ମାସରେ ଏଭଳି ଅଭିଯୋଗର ତାଲିକା ଲମ୍ବି ଚାଲିଥିବାବେଳେ ଜିଲାପାଳ ସରୋଜ କୁମାର ସେଠୀ ଦେବୋତ୍ତର ବିଭାଗ ଉପରେ ବର୍ଷିଛନ୍ତି। ଶ୍ରଦ୍ଧାଳୁଙ୍କ ଶୋଷଣ କରୁଥିବା ଲିଜ୍‌ଧାରୀଙ୍କ ସହ ଦେବୋତ୍ତର ବିଭାଗ କର୍ମଚାରୀଙ୍କ ସମ୍ପୃକ୍ତି ଧରାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଶ୍ରାବଣ ସୋମବାର (୨୧ ତାରିଖ) ଉପଲକ୍ଷେ ରବିବାରଠାରୁ କପିଳାସ ପୀଠକୁ ଶ୍ରଦ୍ଧାଳୁଙ୍କ ଆଗମନ ଆରମ୍ଭ ହେଲାଣି। ଏହାର ସୁଯୋଗ ନେଉଛନ୍ତି ଟୋଲ୍‌ଗେଟ୍ ଲିଜ୍‌ଧାରୀ। ତାଗିଦ୍ ସତ୍ତ୍ୱେ ପୋଲିସ ଉପସ୍ଥିତିରେ ସେମାନେ ବାଇକ୍, ଚାରିଚକିଆ ଯାନରୁ ମନଇଚ୍ଛା ଟୋଲ୍ ଫି' ଆଦାୟ କରୁଛନ୍ତି। ମନ୍ଦିର ପାଦଦେଶରେ ଥରେ ଏବଂ ପୀଠର ପ୍ରବେଶ ଦ୍ୱାର ପାଖରେ ଏପରି ଦୁଇଥର ପାର୍କିଂ ଫି' ଆଦାୟ କରାଯାଉଛି। ଜିଲାପାଳ ଏ ସମ୍ପର୍କରେ କୌଣସି ସୂତ୍ରରୁ ସୂଚନା ପାଇବା ପରେ ଅଭିଯୁକ୍ତଙ୍କୁ ଧରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ତେବେ ଚଢ଼ାଉ ପୂର୍ବରୁ ସେମାନେ ଚମ୍ପଟ ମାରିଥିଲେ। ଦେବୋତ୍ତର ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଗଁଦିଆ ଥାନା ପୋଲିସ ଜାଣତରେ ଏଭଳି ବେଆଇନ ଭାବେ ଅର୍ଥ ଆଦାୟ କରାଯାଉଥିବା କେତେଜଣ ଶ୍ରଦ୍ଧାଳୁ ଅଭିଯୋଗ କରିଥିଲେ। ପୀଠକୁ ଯାନବାହନରେ ଆସୁଥିବା ଶ୍ରଦ୍ଧାଳୁଙ୍କଠାରୁ ଟୋଲ୍ ଫି' ଓ ପାର୍କିଂ ଫି' ବାବଦକୁ ୨୦୦ ଟଙ୍କା ଆଦାୟ କରାଯାଉଛି। ଏଭଳି ଶୋଷଣ ଅନ୍ୟ କେଉଁଠାରେ ହେଉ ନ ଥିବା ସେମାନେ କହିଥିଲେ। ଏହାକୁ ନେଇ ଜିଲାପାଳ କ୍ଷୋଭ ପ୍ରକାଶ କରିଛନ୍ତି। ତଦନ୍ତ ବେଳେ ଦେବୋତ୍ତର ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସତର୍କ କରାଇ ଦେଇଛନ୍ତି।

ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ମଧ୍ୟ ଏଭଳି ଟୋଲ୍ ଫି' ଆଦାୟକୁ ନିୟମ ବିରୋଧୀ ବୋଲି କହିଛନ୍ତି। ଏଣିକି କପିଳାସ ପାଦଦେଶରେ ଥିବା ପଡ଼ିଆ ନିକଟରେ ଥରେ ପାର୍କିଂ ଫି' ଆଦାୟ କରିବା ଲାଗି ସେ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ସପ୍ତାହରେ ଏ ସଂକ୍ରାନ୍ତରେ ବୈଠକ ବସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

### ସନ୍ଦେହରେ ଗଁଦିଆ ପୋଲିସ

କପିଳାସ ପୀଠକୁ ଯାନବାହନରେ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଟୋଲଗେଟ୍ ଲିଜ୍‌ଧାରୀ ଶୋଷଣ କରୁଛନ୍ତି। ପ୍ରତିବାଦ କଲେ ଧମକଚମକ ଦେଉଛନ୍ତି। ଏ ନେଇ ଏସ୍‌ପିଙ୍କ ନିର୍ଦ୍ଦେଶରେ ଗଁଦିଆ ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା। ତେବେ ଅଭିଯୁକ୍ତ ଲିଜ୍‌ଧାରୀଙ୍କ ବଦଳରେ ଅନ୍ୟ ୨ ଯୁବକଙ୍କୁ ପୋଲିସ ଗିରଫ କରି ଥାନାରୁ ଜାମିନରେ ଛାଡ଼ି ଦେଇଛନ୍ତି। ଲିଜ୍‌ଧାରୀଙ୍କୁ କାହିଁକି ଗିରଫ କରାଯାଉନାହିଁ ବୋଲି ଥାନାଧିକାରୀ ସତ୍ୟବ୍ରତ ଭୂତିଆଙ୍କୁ ପଚାରିବାରେ ସେ କୁହନ୍ତି, ତାଙ୍କୁ ପୋଲିସ ପାଉନାହିଁ। ହେଲେ ଅଧିକାଂଶ ଦିନ ଲିଜ୍‌ଧାରୀ ଜିଲା କାର୍ଯ୍ୟାଳୟ ଦେବୋତ୍ତର ବିଭାଗକୁ ଆସି ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ରହିଥିବା ଫାଇଲ ଓ ଥାନାରେ ହୋଇଥିବା ଅଭିଯୋଗର ନକଲକୁ ନେଇଯାଇଥିବା ଜଣାପଡ଼ିଛି। ତଥାପି ପୋଲିସ ତାଙ୍କୁ ପାଉ ନ ଥିବା କହିବା ସନ୍ଦେହ ସୃଷ୍ଟି କରିଛି। କେବଳ ଏତିକି ନୁହେଁ, ଶ୍ରଦ୍ଧାଳୁଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ଆସିବା ପରେ ଥାନାଧିକାରୀଙ୍କୁ ଏସ୍‌ପି ତାଗିଦ୍ କରିଛନ୍ତି।

# ବ୍ରାହ୍ମଣୀରେ କୁମ୍ଭୀର

କାମାକ୍ଷାନଗର, ୨୦।୮ (ଅମ୍‌ଜାଦ ଖାନ୍)



ବ୍ରାହ୍ମଣୀ ନଦୀରେ କୁମ୍ଭୀର।

ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ମହାବିରୋଡ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଛି। ସମ୍ଭବତଃ ସାତକୋଶିଆ ଅଭୟାରଣ୍ୟର ଟିକରପଡ଼ା ଅଞ୍ଚଳରୁ ଉକ୍ତ କୁମ୍ଭୀର ବଢ଼ି ପାଣିରେ ଭାସି ଆସିଥିବା ଅନୁମାନ କରାଯାଉଛି। ଏହାକୁ ନେଇ ବନ ବିଭାଗ ସଜାଗ ହୋଇଉଠିଛି। ମହାବିରୋଡ ରେଞ୍ଜର ହରେଶ ଚନ୍ଦ୍ର କିଷାନ ବନ କର୍ମଚାରୀଙ୍କୁ ଘଟଣାର ସତ୍ୟାସତ୍ୟ ବିଷୟରେ ଜାଣିବା ପାଇଁ ପଠାଇଥିଲେ। ନଦୀରେ କୁମ୍ଭୀର ଉପସ୍ଥିତି ସ୍ପଷ୍ଟ ହେବା ପରେ ସିରିଗିଡ଼ା, କୁଲେଇ, ବସୁଲେଇ ଏବଂ ଏହାର ଆଖପାଖ ଗ୍ରାମବାସୀଙ୍କୁ ସତର୍କ ରହିବା ଲାଗି ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଛି।

# ସତର୍କ କଲା ବନ ବିଭାଗ

ଢେଙ୍କାନାଳ, ୨୦।୮ (ରତନ ନାୟାର)

ଅନୁଗୋଳ ଜିଲା ପଟରୁ ଏକ କୁମ୍ଭୀର ଢେଙ୍କାନାଳରେ ପ୍ରବାହିତ ବ୍ରାହ୍ମଣୀ ନଦୀକୁ ଚାଲି ଆସିଛି। ବନ୍ୟାଜଳରେ କୁମ୍ଭୀର ଭାସି ଆସିଥିବା ଅନୁମାନ କରାଯାଉଛି। ଏହାପରେ ପରଜଙ୍ଗ, କାମାକ୍ଷାନଗର, ଭୁବନ, ଓଡ଼ାପଡା ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ଲୋକଙ୍କୁ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ନଦୀ କୂଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି ବୋଲି ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି।

# ୬୦୦ ଲିଟର ସ୍ପିରିଟ୍ ଜବତ, ୨ ଗିରଫ

ଭୁବନ, ୨୦।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅନ୍ତର୍ଗତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍ ପଛପଟେ ଶନିବାର ସନ୍ଧ୍ୟାରେ ଅବକାରୀ ବିଭାଗ ଚଢ଼ାଉ କରି ୩ଟି ଡ୍ରମ୍‌ରେ ରଖାଯାଇଥିବା ୬୦୦ ଲିଟର ସ୍ପିରିଟ୍ ଜବତ କରିଛି। ଏହି ଘଟଣାରେ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ୧୨ନଂ. ୱାର୍ଡର ରମେଶ ମଲିକ ଏବଂ କାଳିନ୍ଦୀ ମଲିକ।

ପ୍ରତିବର୍ଷ ଦଶହରା ସମୟରେ ହେଉଥିବା ବିଶ୍ୱପ୍ରସିଦ୍ଧ ବଳଦଯାତ୍ରାରେ ଦେଶ ବିଦେଶରୁ ଭୁବନକୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ଏହି ସମୟରେ ନକଲି ମଦ ପ୍ରସ୍ତୁତ କରି ମହଜୁଦ୍ ରଖାଯାଏ। ପାର୍ବଣ ସମୟରେ ସେସବୁକୁ ଚଢ଼ା ଦରରେ ବିକ୍ରି କରାଯାଏ। ଏଭଳି ବେଆଇନ କାର୍ଯ୍ୟରେ ନିୟୋଜିତ ଚୋରା ମଦ ବ୍ୟବସାୟୀମାନେ ବିଭିନ୍ନ ଉପାୟରେ ଢାବା, ରାଶନ ଦୋକାନ, ପାନଦୋକାନ ମାଧ୍ୟମରେ ବିଦେଶୀ ବ୍ରାଣ୍ଡରେ ନକଲି ମଦ ବିକ୍ରି କରି ମୁନାଫା ପାଉଛନ୍ତି। ସହରରେ ସ୍ପିରିଟ୍‌ରୁ ମଦ ପ୍ରସ୍ତୁତ କରାଯାଉଥିବା ଗୋଇନ୍ଦା ସୂଚନା ମିଳିବା ପରେ ଜିଲାପାଳ ଏବଂ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ସଜାଗ ହୋଇଉଠିଥିଲା। ଇନ୍‌ଡୋର ଷ୍ଟାଡିୟମ୍ ପଛପଟେ ସ୍ପିରିଟ୍ ମହଜୁଦ୍ ଥିବା ଜଣାପଡ଼ିବା ପରେ ଅବକାରୀ ବିଭାଗ ଏସ୍‌ଆଇ ସୌରଭ ମିଶ୍ରଙ୍କ ନେତୃତ୍ୱରେ ଏଏସଆଇ ବିଶ୍ୱରଞ୍ଜନ ନାଥ, କନଷ୍ଟେବଲ ଗୋଲାପ ସାହୁ, ପ୍ରେମାନନ୍ଦ ବେହେରା, ପ୍ରଫୁଲ୍ଲ ସାମଲ ପ୍ରମୁଖ ଚଢ଼ାଉ କରିଥିଲେ। ଜବତ ୬୦୦ ଲିଟର ସ୍ପିରିଟ୍‌ରୁ ପ୍ରାୟ ୧୫୦୦ ଲିଟର ନକଲି ମଦ ପ୍ରସ୍ତୁତ କରାଯାଆଇଥାନ୍ତା। ପାର୍ବଣ ପୂର୍ବରୁ ଏଭଳି ନିୟମିତ ଚଢ଼ାଉ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଜବତ ସ୍ପିରିଟ୍ ଏବଂ ଗିରଫ ଅଭିଯୁକ୍ତ।

# ଇତିହାସର ସାକ୍ଷୀ ଗଜଲକ୍ଷ୍ମୀ ପ୍ୟାଲେସ୍




ବୋରାପଦାର ଗଜଲକ୍ଷ୍ମୀ ପ୍ୟାଲେସ୍‌ରେ ପଦଯାତ୍ରୀ ଦଳ।

ଢେଙ୍କାନାଳ, ୨୦।୮ (ରତନ ନାୟାର)

### ଐତିହ୍ୟ ପଦଯାତ୍ରା

ଐତିହ୍ୟ ପଦଯାତ୍ରାର ୫ମ ସଂସ୍କରଣରେ ପଦଯାତ୍ରୀ ଦଳ ରବିବାର ବୋରାପଦାସ୍ଥିତ ଗଜଲକ୍ଷ୍ମୀ ପ୍ୟାଲେସ୍ ପରିଦର୍ଶନ କରିଛନ୍ତି। ସବୁଜିମା ପରିବେଶରେ ଅବସ୍ଥିତ ଏହି ପ୍ରାସାଦ ରାଜତନ୍ତ୍ର ଇତିହାସର ସାକ୍ଷୀ ହୋଇ ରହିଛି। ୧୯୩୩ରେ ଏକ ଡାଲୁ ପାହାଡ଼ରେ ଜଣେ ବ୍ରିଟିଶ ସ୍ଥପତିଙ୍କ ନକ୍ସା ଆଧାରରେ ଏହି ରାଜମହଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୪୨ରେ ଶେଷ ହୋଇଥିଲା। ଏବେ ରଣେନ୍ଦ୍ର ପ୍ରତାପ ସିଂଦେଓ ଏବଂ ତାଙ୍କ ପରିବାର ସେଠାରେ ଅବସ୍ଥାନ କରୁଛନ୍ତି। ରାଜପ୍ରାସାଦ ଭିତରେ ପୁରୁଣା ଆସବାବପତ୍ର, ଛୁରି, କଟାରି, ଧନୁତୀର, ବନ୍ଧୁକ ସ୍ମୃତି ସ୍ୱରୂପ ସାଇତା ହୋଇଛି। ସବୁଠାରୁ ଆକର୍ଷଣ ସାଜିଛି ଏକ ମହାବଳ ବାଘର ଚମଡ଼ା ସହ ମୁଣ୍ଡ। ୧୯୭୨ ବେଳକୁ ଅବିଭକ୍ତ କୋରାପୁଟ ଜିଲାର ନାରାୟଣପାଟଣାରେ ୭୬ ମଣିଷ ମାରିଥିବା ଉକ୍ତ ବାଘକୁ କୁମାର ସାହେବ ରଣେନ୍ଦ୍ର ପ୍ରତାପ ସିଂଦେଓ ସରକାରଙ୍କ ଅନୁରୋଧ କ୍ରମେ ଶିକାର କରିଥିଲେ। ବିସ୍ତୀର୍ଣ୍ଣ ଫଳ ବଗିଚା, ପ୍ରାକୃତିକ ଜଳାଶୟ ରାଜପ୍ରାସାଦର ଶୋଭାବର୍ଦ୍ଧନ କରୁଛି।

ଆବାହକ ସୁରେଶ ପ୍ରସାଦ ମିଶ୍ରଙ୍କ ସମେତ ୨୫ ପଦଯାତ୍ରୀଙ୍କୁ ରଣେନ୍ଦ୍ର ପ୍ରସାଦ ସିଂଦେଓ, ଜିତେନ୍ଦ୍ର ପ୍ରତାପ ସିଂଦେଓ ଏବଂ ତାଙ୍କ ସ୍ତ୍ରୀ ନମ୍ରତା ସିଂଦେଓ ସ୍ୱାଗତ କରିଥିଲେ। କଟକ ଐତିହ୍ୟ ପଦଯାତ୍ରାର ସଦସ୍ୟ ବିଶ୍ୱରଞ୍ଜନ ଦେହୁରୀ, ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ମନମୋହନ ମହାପାତ୍ର, କବି ଅକ୍ଷୟ ପାତ୍ର, ଅଧ୍ୟାପକ ଶାନ୍ତନୁ ନାୟକ, ସୁନିତା ମହାପାତ୍ର, ଡ. ମଳୟ ରଞ୍ଜନ ପତି, ରମେଶ ପତି, ଆକାଶବାଣୀ ଯୋରନ୍ଦାର କାର୍ଯ୍ୟକ୍ରମ ଅଧିକାରୀ ରାଜୀବ କୁମାର ମାହନ୍ତ, ଭରତେନ୍ଦୁ ନାଏକ, ଆଦିତ୍ୟ ମିଶ୍ର, ସ୍ୱର୍ଣ୍ଣପ୍ରଭା ସେଠୀ, ନାରାୟଣ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ତ୍ରିପାଠୀ, ପ୍ରଶାନ୍ତ ତ୍ରିପାଠୀ, ଜନ୍ମେଜୟ ରାଉତ, ସୁମିତ୍ରା ନାୟକ, ଦିବ୍ୟରଞ୍ଜନ ସାହୁ, ପୀୟୂଷ ଅଗ୍ରୱାଲା, ଗୌତମ ମିଶ୍ର, ଅସିତ୍ କୁମାର ପ୍ରଧାନ, ଅମିତ କୁମାର ସାହୁ ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

# ବୁଥ୍‌ସ୍ତରର ସୁଦୃଢ଼ କରିବାକୁ ଆହ୍ୱାନ

କାମାକ୍ଷାନଗର, ୨୦।୮ (ଅମ୍‌ଜାଦ ଖାନ୍)

କାମାକ୍ଷାନଗର ଭାଜପା ପକ୍ଷରୁ ରବିବାରଠାରୁ ଆରମ୍ଭ ହୋଇଛି ଭୋଟର ସଚେତନତା ମହାଅଭିଯାନ କାର୍ଯ୍ୟକ୍ରମ। ସ୍ଥାନୀୟ କଲ୍ୟାଣମଣ୍ଡପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଭୋଟର ତାଲିକା ନାମ ସଂଶୋଧନ କାର୍ଯ୍ୟକ୍ରମ ହେଉଛି। ନୂତନ ଭୋଟରଙ୍କ ନାମ ତାଲିକାରେ ଯୋଡ଼ାଯାଉଛି। ମୃତ୍ୟୁ ଘଟିଥିବା ଏବଂ ସ୍ଥାନାନ୍ତର ହୋଇଥିବା ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଉଛି। ଏହି କାର୍ଯ୍ୟ ଠିକ୍ ଭାବେ ତଦାରଖ କରିବା ଦାୟିତ୍ୱ ବୁଥ୍ ସଭାପତିଙ୍କର। ଭୋଟରଙ୍କ ସହ ଯୋଗସୂତ୍ର ରକ୍ଷା କରିବା, ବୁଥ୍‌ସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ମୁଖ୍ୟ ଅତିଥି ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ବିଭୂତି ପ୍ରଧାନ, ଜିଲା ସୋସିଆଲ ମିଡିଆ ଇନ୍‌ଚାର୍ଜ ସରୋଜକାନ୍ତ ବେହେରା, ଜିଲା ଉପସଭାପତି ପବିତ୍ର ମୋହନ ବିଶ୍ୱାଳ, ଶିଶିରକାନ୍ତ ନାୟକଙ୍କ ସମେତ ସମସ୍ତ ମଣ୍ଡଳ ଏବଂ ୩୦୫ ବୁଥ୍‌ର ସଭାପତିମାନେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଭାଜପା ନେତୃବୃନ୍ଦ।

# ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ଆସର ମନମୋହିଲା





ମେଘ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ପରିବେଷଣ (ବାମ)। କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

ଢେଙ୍କାନାଳ, ୨୦।୮ (ରତନ ନାୟାର)

### ରାଜ୍ୟସ୍ତରୀୟ ମେଘ ଉତ୍ସବ ଉଦ୍‌ଯାପିତ

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଦୁଇଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ମେଘ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ ଲଳିତ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ଉଦ୍‌ଯାପନୀ ସନ୍ଧ୍ୟାରେ ମେଘ ସମ୍ପର୍କିତ ନୃତ୍ୟ ନାଟିକା, ସମ୍ବଲପୁରୀ ନୃତ୍ୟ, ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଷିତ ସୁଗମ ସଙ୍ଗୀତ ଶ୍ରୋତାଙ୍କ ମନ ମୋହିଥିଲା। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଶିଷ୍ଟ କଣ୍ଠଶିଳ୍ପୀ ସୌରଭ ନାୟକ, ସୁଶାନ୍ତ ପଣ୍ଡା, ସସ୍ମିତା ଦାସ, ଛନ୍ଦା ମିଶ୍ର ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଏଥିରେ ଜିଲା ପ୍ରଶାସନ ଏବଂ ଜିଲା ସଂସ୍କୃତି ପରିଷଦ ସହାୟତା କରିଥିଲା।

## ସଂକ୍ଷେପରେ

### ଜ୍ଞାନ ବିଜ୍ଞାନ ମେଳା

**ବଣ୍ଟରପାଳ, ୨୦।୮ (ଉପେନ୍ଦ୍ର ରାଉତ)**

ବଣ୍ଟରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଗୋଳ ସଙ୍କୁଳ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସଙ୍କୁଳ ପ୍ରମୁଖ ସାଧୁ ଚରଣ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସଙ୍କୁଳ ଜ୍ଞାନ ବିଜ୍ଞାନ ଉଦ୍‌ଘାଟନ ଉତ୍ସବ ପରିଚାଳନା ସମିତି ସଭାପତି ସତ୍ୟବାନ ବରାହ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପରିଚାଳନା ସମିତି ସମ୍ପାଦକ ଅଖିଳ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ଅନୁଗୋଳ ସଙ୍କୁଳର ୭ଟି ବିଦ୍ୟାଳୟ ମୋଟ ୨୦୯ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ବିଜୟ ଧୀର, ବିଜୟ ଚାନ୍ଦ, ସୂର୍ଯ୍ୟକାନ୍ତ ବେହେରା, ରଶ୍ମିତା ବେହେରା, ମଧୁସ୍ମିତା ସାହୁ, ଅଶୋକ ଦାସ, ବନ୍ଦନା ଜେନା ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କପିଳେଶ୍ୱର ପୀଠ ପୁନରୁଦ୍ଧାର ଆଶା ଉଜ୍ଜୀବିତ

**କାମାକ୍ଷାନଗର, ୨୦।୮ (ସୁଧୀର ପରିଡ଼ା)**

ରାମିଆଳ ନଦୀଗର୍ଭରେ ଲୀନ ହେବାକୁ ବସିଥିବା ଦ୍ୱାଦଶ ଶତାବ୍ଦୀର ପ୍ରାଚୀନ କୀର୍ତ୍ତିରାଜି କପିଳେଶ୍ୱର ଶୈବପୀଠର ପୁନରୁଦ୍ଧାର ହେବ। ଭାରତୀୟ ତୈଳ ନିଗମ (ଆଇଓସିଏଲ୍) ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ମିଳିତ ସହଯୋଗରେ ଏହି କାର୍ଯ୍ୟ କରାଯିବ। ଏଏସ୍‌ଆଇ ଡିଜି ତଥା ନ୍ୟାଶନାଲ ମନୁମେଣ୍ଟ ଅଥରିଟି (ଏନ୍‌ଏମ୍‌ଏ) ଚେୟାରମ୍ୟାନ୍ ପ୍ରଫେସର କେ.କେ. ବାସା ରବିବାର ପୀଠ ପରିଦର୍ଶନ କରିବା ଅବସରରେ ଏହି ସୂଚନା ଦେଇଛନ୍ତି।

କପିଳାସ ପୀଠ ପରିଦର୍ଶନ ପରେ ଏଏସ୍‌ଆଇ ଡିଜି ବାସା କାମାକ୍ଷାନଗର ବ୍ଲକ ବଡ଼ସୁଆଁଳ ପଞ୍ଚାୟତର ହାଟୁଆରିରେ ଅବସ୍ଥିତ 'କୋଣାର୍କ' ସମସାମୟିକ ପୁରାତନ ଏହି ଶୈବପୀଠ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାମିଆଳ ନଈ ଗତିପଥ ପରିବର୍ତ୍ତନ କରିବା ଏବଂ ଶଯ୍ୟା ବଢ଼ିବା ଯୋଗୁ କପିଳେଶ୍ୱର ଶୈବପୀଠ ଏବେ ନଦୀଗର୍ଭରେ।



କପିଳେଶ୍ୱର ପୀଠ ପରିସରରେ ଏଏସ୍‌ଆଇ ଡିଜି ସ୍ଥିତି ସମୀକ୍ଷା କରୁଛନ୍ତି।

ବର୍ଷାଦିନେ ନଦୀରେ ବଢ଼ି ଆସିଲେ ମନ୍ଦିର ଜଳବନ୍ଦୀ ହୋଇପଡୁଛି। ତେଣୁ ଠାକୁରଙ୍କ ଚଳନ୍ତି ପ୍ରତିମାକୁ ନଦୀକୂଳରେ ଥିବା ଏକ ଅସ୍ଥାୟୀ ଟାଇଲ୍ ଘରେ ରଖି ପ୍ରାୟ ୪ମାସ ଧରି ପୂଜାର୍ଚ୍ଚନା କରାଯାଇଥାଏ। ଏହି ପ୍ରାଚୀନ ଐତିହ୍ୟ ବିପଦସଙ୍କୁଳ ହୋଇପଡ଼ିଥିବାବେଳେ ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ସମୟରେ ଦାବି ଉଠୁଥିଲା। ନଦୀକୂଳରୁ ମନ୍ଦିର ପର୍ଯ୍ୟନ୍ତ ଏକ ପୋଲ ନିର୍ମାଣ କରିବା, ବଢ଼ି ପାଣିରୁ ସୁରକ୍ଷା ପାଇଁ ପୀଠ ଚାରିପଟେ ସୁଦୃଢ଼ ପାଚେରି ନିର୍ମାଣ, ଯାତ୍ରୀ ବିଶ୍ରାମାଗାର ଏବଂ ପାରିପାର୍ଶ୍ୱିକ ଉନ୍ନତି ଲାଗି ଅଞ୍ଚଳବାସୀ ନିବେଦନ କରି ଆସୁଥିଲେ। ତେବେ ଦୀର୍ଘଦିନ ପରେ ଏଥିଲାଗି ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏଏସ୍‌ଆଇ ଡିଜି ମନ୍ଦିର ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ଜାଗା ଚିହ୍ନଟ କରି ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କଲେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

ଏହି ଗସ୍ତ ସମୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ଏସ୍‌ଡିପିଓ ରଞ୍ଜନ କୁମାର ଦେ, ବିଡିଓ ବିକାଶ କୁମାର ମହାନ୍ତି , ମନ୍ଦିର କମିଟି ସଭାପତି ଶେଷରଞ୍ଜନ ଦାସ, ସମ୍ପାଦକ ବୀରବର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

**ପାଲଲହଡ଼ା, ୨୦।୮ (ଦିବ୍ୟଜ୍ୟୋତି ଦାଶ)**

ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାଲଲହଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୀପଶିଖା ସଙ୍କୁଳର ମୋଟ ୧୦ଟି ବିଦ୍ୟାଳୟର ୨୫୬ ଜଣ ପ୍ରତିଭାଗୀ ଭାଗ ନେଇଥିଲେ। ଶନିବାର ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ ପାଲ ଓ ମୁଖ୍ୟ ବକ୍ତା ଭାବେ ତହସିଲଦାର ଲମ୍ବୋଦର ମାରାଣ୍ଡି ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବାସୁଦେବ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ଶ ପ୍ରଧାନ ଆଚାର୍ଯ୍ୟ ମଙ୍ଗଲୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ସମ୍ପାଦକ ଶଙ୍କର ପ୍ରତାପ ଦେହୁରୀ, ସଭାପତି ଅକ୍ଷୟ କୁମାର ପ୍ରଧାନ, ଉପସଭାପତି ମହେଶ୍ୱର ବେହେରା, କୋଷାଧ୍ୟକ୍ଷ କୃତାର୍ଥ ଗଡ଼ନାୟକ, ସଦସ୍ୟା ଲକ୍ଷ୍ମୀ ନାୟକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବୃକ୍ଷ ବିନା ଜୀବନ ସମ୍ଭବ ନୁହେଁ

**ବଇଣ୍ଡା, ୨୦।୮ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ସାମାଜିକ ସମୀକ୍ଷା ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ୟୁନିଟ୍ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ଆନୁକୂଲ୍ୟରେ ଲୁହାମୁଣ୍ଡା ଗୁଣ୍ଡପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ ଯୋଗଦେଇ ପିଜୁଳି, ଅଁଳା, ଡାଳିମ୍ବ, ବଉଳ, ଅମୃତଭଣ୍ଡା, କଦମ୍ବ ଆଦି ଚାରାରୋପଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଲୁହାମୁଣ୍ଡା ସରପଞ୍ଚ କୁମୁଦ ସାହୁ, ଯଶୋବନ୍ତ ସାହୁ ଉପସ୍ଥିତ ଥିଲେ। ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ଆମେ ବଞ୍ଚି ପାରିବା ନାହିଁ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷକ ଲୋକନାଥ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଜରଙ୍ଗ କ୍ଲବ ପୁରସ୍କୃତ

**ଢେଙ୍କାନାଳ, ୨୦।୮ (ରତନ ନାୟାର)**

ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଢେଙ୍କାନାଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବକୁ ସ୍ୱାଧୀନତା ଦିବସରେ ଶ୍ରେଷ୍ଠ ରକ୍ତଦାତା ଅନୁଷ୍ଠାନ ଭାବେ ପୁରସ୍କୃତ କରାଯାଇଛି। ମହିଳାଙ୍କ ମଧ୍ୟରେ ରକ୍ତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ମେଗା ରକ୍ତ ଦାନ ଶିବିର ଆୟୋଜନ କରି ସର୍ବାଧିକ ରକ୍ତ ସଂଗ୍ରହ କରିଥିବାରୁ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ସିଲ୍ ପ୍ରଦାନ କରିଥିଲେ। ଅବସରରେ ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଦୀର୍ଘ ୯ ବର୍ଷ ଧରି କ୍ଲବ୍‌ସ୍ତରୀୟ ରକ୍ତଦାନ ପାଇଁ ବଜରଙ୍ଗ କ୍ଲବ୍ ପୁରସ୍କୃତ ହୋଇଆସୁଅଛି । ସମ୍ପାଦକ ଶୁଭେନ୍ଦୁ କୁମାର ଷଡଙ୍ଗୀ, କୋଷାଧ୍ୟକ୍ଷ ପ୍ରିୟବ୍ରତ ସାମଲ, ସଭ୍ୟ ସୁବ୍ରତ ଦାସ, ପ୍ରିୟରଞ୍ଜନ ଛୋଟରାୟ, ସଞ୍ଜୟ ବେହେରା, ସନ୍ତୋଷ ବେହେରା, ସୁରେନ୍ଦ୍ର ବେହେରା, ଜ୍ୟୋତି ପ୍ରକାଶ ବେହେରା, ଧନବାହାଦୁର ଗୁରୁଙ୍ଗ, ସନ୍ଦୀପ୍ ହିଣ୍ଡୋଚା, ସଞ୍ଜୀବ୍ କୁମାର ପଣ୍ଡା, ଦେବାଶିଷ ମିଶ୍ର, ରବୀନ୍ଦ୍ର ସୋନି, କୃଷ୍ଣଚନ୍ଦ୍ର ନାୟକ, ମନୋଜ ମହାନ୍ତି, ଚିନ୍ମୟ ମହାପାତ୍ର, ଦେବାଶିଷ ମହାପାତ୍ର, ଅର୍ପିତ୍ ଦାସ, ରାଜେଶ ବେହେରା, ରାଜେନ୍ଦ୍ର ମହାପାତ୍ର, ଶୁଭେନ୍ଦୁ ସାହୁ, ସୂର୍ଯ୍ୟକାନ୍ତ ବେହେରା, ରୀତେଶ ନନ୍ଦ ପ୍ରମୁଖ ସମସ୍ତ ସଦସ୍ୟ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।



ପୁରସ୍କାର ସହିତ ବଜରଙ୍ଗ କ୍ଲବର ସଦସ୍ୟମାନେ।

# ପୁଅ ଟାଙ୍ଗିଆ ଚୋଟରେ ବାପା ଆହତ

**ଛେଣ୍ଡିପଦା, ୨୦।୮ (ଅଜିତ ଧଳ)**

ଅନୁଗୋଳ ଜିଲା ଜରପଡା ଥାନା ଡୁକୁଡା ଗ୍ରାମର ବିଶ୍ୱନାଥ ସାହୁଙ୍କୁ ତାଙ୍କ ପୁଅ ଶ୍ୟାମଘନ ଟାଙ୍ଗିଆରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଶନିବାର ରାତିରେ ବିଶ୍ୱନାଥ ଘରେ ଥିବାବେଳେ ଶ୍ୟାମଘନ ଆସି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ବିଶ୍ୱନାଥ ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଜରପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଆସିବା ପରେ ବିଶ୍ୱନାଥ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୬୧/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# କାଉଡିଆ ଭକ୍ତଙ୍କ ନାହିଁ ନ ଥିବା ଭିଡ଼



କାଉଡିଆ ଭକ୍ତମାନେ ଜଳଭାର ନେଇ ଯାଉଛନ୍ତି।

**ଢେଙ୍କାନାଳ, ୨୦।୮ (ରତନ ନାୟାର)**

ଶ୍ରାବଣ ମାସର ଶେଷ ୨ ସୋମବାର ୨୧ ଓ ୨୮ ତାରିଖରେ କପିଳାସ ଶୈବପୀଠରେ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ନିକଟରେ ଜଳଲାଗି କରାଯିବାକୁ ନିଷ୍ପତ୍ତି ହୋଇଛି।

### ଢେଙ୍କାନାଳ-କପିଳାସ ରାସ୍ତାରେ ଟ୍ରାଫିକ ଜାମ୍

୨୧ ତାରିଖ ସୋମବାର ଉପଲକ୍ଷେ ହଜାର ହଜାର ସଂଖ୍ୟାରେ କାଉଡ଼ିଆଙ୍କ କପିଳାସ ମୁହାଁ ହୋଇଛନ୍ତି। ଫଳରେ ଢେଙ୍କାନାଳ-କପିଳାସ ରାସ୍ତାରେ ଟ୍ରାଫିକ୍ ଜାମ୍ ସ୍ଥିତି ଉପୁଜିଛି। ପୀଠରେ ୫୦ ହଜାର ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେବା ଅନୁମାନ କରାଯାଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ସେବାସଂସ୍ଥା ପକ୍ଷରୁ କାଉଡ଼ିଆଙ୍କ ପାଇଁ ଖାଦ୍ୟ ଓ ବିଶ୍ରାମ ସ୍ଥଳୀ ବ୍ୟବସ୍ଥା କରାଯାଇଛି।

# ୧୨୮ ୟୁନିଟ୍ ରକ୍ତ ସଂଗ୍ରହ

**ପାଲଲହଡା, ୨୦।୮ (ଦିବ୍ୟଜ୍ୟୋତି ଦାଶ)**

ଓଡ଼ିଶା ମୋ ପରିବାର ଏବଂ ପାଲଲହଡା ବିଜେଡି ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ରେଡ୍‌କ୍ରସ୍ ସୋସାଇଟି ଅଧିକାରୀ, କର୍ମକର୍ତ୍ତା ଏବଂ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଡ. ଚନ୍ଦନ କୁମାର ଶିବିରକୁ ପରିଚାଳନା କରିଥିଲେ। ଏଥିରେ ମୋଟ୍ ୧୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉପଖଣ୍ଡର ବହୁ ସାମାଜିକ କର୍ମୀ, କଲେଜ ଛାତ୍ରୀଛାତ୍ର, ବିଜୁ ଜନତା ଦଳର କର୍ମୀଙ୍କ ସମେତ ଦିବ୍ୟାଙ୍ଗ ଯୋଗଦେଇ ରକ୍ତଦାନ କରିଥିଲେ।



ଜଣେ ଦିବ୍ୟାଙ୍ଗ ରକ୍ତଦାନ କରୁଛନ୍ତି।

# ନନ୍ଦ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ବଇଣ୍ଡା, ୨୦।୮ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଗ୍ରାମରେ ନନ୍ଦ ଉତ୍ସବ ପାଳନ କରାଯିବ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବ୍ରତ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। କିଭଳି ଧୁମ୍‌ଧାମରେ ଏହି ଉତ୍ସବ ପାଳନ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ରାଜେଶ ସାହୁ, ତରଣୀସେନ ସାହୁ, ମହେଶ୍ୱର ଛତ୍ରିଆ, ଶିଶୁକାନ୍ତ ପରିଡା, ଟିଟୁ ସ୍ୱାଇଁ, ଲିପୁ ଅମାନ୍ତ, ମାନସ ଛତ୍ରିଆ, ଜଗବନ୍ଧୁ ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ପରିବର୍ଦ୍ଧିତ ବୈଠକ

**ବୈଶିଙ୍ଗା, ୨୦।୮ (ରତନ ଦାଶ)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ପରିବର୍ଦ୍ଧିତ ବୈଠକ ରବିବାର ବୈଶିଙ୍ଗା ମଇ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଶାଗୁଆନ ଗଛର ଚାରାରୋପଣ କରାଯାଇଛି। ସଂଘର ସଭାପତି ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଆଡ୍‌ଭୋକେଟ ସଚ୍ଚିଦାନନ୍ଦ ମହାନ୍ତିଙ୍କ ସହଯୋଗରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସଂଘର ବହୁ ସଦସ୍ୟ ଯୋଗଦେବା ସହ ନୂତନ ସଭ୍ୟ ଗ୍ରହଣ କରାଯାଇଥିଲା। ବରିଷ୍ଠ ସଦସ୍ୟ ଚୂଡାମଣି ମହାପାତ୍ର ମଞ୍ଚାସୀନ ଥିଲେ। ଚିକିତ୍ସା ଭତ୍ତା ପ୍ରଦାନ, ୧୮ ମାସର ବକେୟା ମହାଙ୍ଗୀ ଭତ୍ତା ଏବଂ ଅବସର ପରେ ପ୍ରତି ପାଞ୍ଚବର୍ଷରେ ବର୍ଦ୍ଧିତ ପେନ୍‌ସନ ପ୍ରଦାନ ଦାବି ପ୍ରତି ବେତନଟୀ ସଂଘର ସମର୍ଥନ ଜଣାଯାଇଥିଲା।

ଚଳିତମାସ ୯ ତାରିଖରେ କଟକଠାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି କ୍ରମେ ଆଗାମୀ ଅକ୍ଟୋବର ୧୧ରେ ଭୁବନେଶ୍ୱରଠାରେ ହେବାକୁ ଥିବା ବିଶାଳ ସମାବେଶରେ ବହୁସଂଖ୍ୟାରେ ଯୋଗଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବାସୁଦେବ ନାପିତ, ରବୀନ୍ଦ୍ର ନାଥ ଖଟୁଆ, ଯତୀନ୍ଦ୍ରନାଥ ସାହୁ, ରବୀନ୍ଦ୍ର ନାଥ ମିଶ୍ର, ସୀତାନାଥ ବେହେରା, ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହେଶ୍ୱର ଷଡ଼ଙ୍ଗୀ ଓ ରାଧାକ୍ରୀଷ୍ଣ ଷଡ଼ଙ୍ଗୀଙ୍କ ମିଳିତ ସଂଯୋଜନାରେ ସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭ୍ୟ ହରେକ୍ରିଷ୍ଣ ବିନ୍ଧାଣୀ, ଜ୍ଞାନରଞ୍ଜନ ପଣ୍ଡା, ସନାତନ ସିଂ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ହରେନ୍ଦ୍ରନାଥ ବାରିକ ଧନ୍ୟବାଦ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲେ ସରପଞ୍ଚ

**ଅନୁଗୋଳ, ୨୦।୮ (ଅମିତ୍ ସାମଲ)**

ବିଭିନ୍ନ ଦାବିନେଇ ଅନୁଗୋଳ ଜିଲା ସରପଞ୍ଚ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରପଞ୍ଚଙ୍କୁ ମାସିକ ଭତ୍ତା ୨,୩୫୦ରୁ ୨୦,୦୦୦କୁ ବୃଦ୍ଧି, ଅବସରକାଳୀନ ଭତ୍ତା, ୨୦ଲକ୍ଷ ଟଙ୍କାର ଜୀବନବୀମା, ପ୍ରତି ପଞ୍ଚାୟତରେ ଜଣେ ପିଇଓ, ଜିଆର୍‌ଏସ୍ ଓ ଜେଇଙ୍କୁ ନିଯୁକ୍ତି, ପିଇଓ ଏବଂ ଜିଆର୍‌ଏସ୍‌ମାନଙ୍କ ଅନୁପସ୍ଥିତ ବିବରଣୀ ସରପଞ୍ଚଙ୍କ ମାଧ୍ୟମରେ ପ୍ରଦାନ, ସରକାରୀ ଅନୁଦାନର ଖର୍ଚ୍ଚ ଜ୍ଞାତସାରରେ ହେବା, ୨ରୁ ୪ ମାସ ମଧ୍ୟରେ ଭତ୍ତା ପାଇବା ବ୍ୟବସ୍ଥା, ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ପ୍ରତି ସରପଞ୍ଚଙ୍କୁ ୧୦ଟି ବାସଗୃହ କାର୍ଯ୍ୟାଦେଶ କ୍ଷମତା ପ୍ରଦାନ, ରାଜସ୍ୱ ଗ୍ରାମରେ ଥିବା ସରକାରୀ ଜମି ଚିହ୍ନଟ, ୭ଦିନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜିପିଟିପି ବିଲ୍ ପ୍ରଦାନ, ସରପଞ୍ଚ ପାଣ୍ଠି ଗଠନ କରି ୨୦ ଲକ୍ଷ ଅନୁଦାନ ପ୍ରଦାନ, ସାଧାରଣ ବଣ୍ଟନ କାର୍ଯ୍ୟକ୍ରମ ସୁପରିଚାଳନା ସରପଞ୍ଚଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଣ୍ଟନ କରିବା ଆଦି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲା ସରପଞ୍ଚ ସଂଘ ସଭାନେତ୍ରୀ ଜ୍ୟୋତିର୍ମୟୀ ବେହୁରାଙ୍କ ତତ୍ତ୍ୱାବଧାନରେ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଥିଲା।



ଦାବିପତ୍ର ପ୍ରଦାନ ବେଳେ ସରପଞ୍ଚ ସଂଘର କର୍ମକର୍ତ୍ତାମାନେ।

# ୩୧ରୁ ସମୂହ ଛୁଟିରେ ଯିବେ କୃଷି ସେବା ସଂଘ କର୍ମଚାରୀ

**ଢେଙ୍କାନାଳ, ୨୦।୮ (ରତନ ନାୟାର)**

ନ୍ୟାଯ୍ୟ ଦାବି ପୂରଣ ହେଉ ନ ଥିବାରୁ ଆସନ୍ତା ୩୧ରୁ ସାମୂହିକ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି ଢେଙ୍କାନାଳ ଶାଖା ଓଡ଼ିଶା କୃଷି ସେବା ସଂଘ।

ଅଭିଯୋଗ ଅନୁଯାୟୀ, ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ୨୦୧୬ରେ ପ୍ରଚଳିତ ବିଜ୍ଞପ୍ତି ଅନୁଯାୟୀ କୃଷିଭିତ୍ତିକ ଶିକ୍ଷାକୁ ଏକ ବୃତ୍ତିଗତ ଶିକ୍ଷାର ମାନ୍ୟତା ପ୍ରଦାନ କରାଯାଇଛି। ତଦ୍‌ନୁଯାୟୀ ରାଜ୍ୟ ସରକାର ବୃତ୍ତିଗତ ଶିକ୍ଷାପ୍ରାପ୍ତ କ୍ୟାଡରଙ୍କ ସହ ସମକକ୍ଷ କୃଷି ବିଭାଗ ଅଧିକାରୀଙ୍କୁ ଗ୍ରୁପ-ଏରେ ନିଯୁକ୍ତି ଦିଆଯିବା ପାଇଁ କୃଷି ଅଧିକାରୀମାନେ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ସୀମିତ ଅଧିକାରୀଙ୍କ ଉପରେ ଅତ୍ୟଧିକ ଚାପ ଦେଇ କୃଷି ବିଭାଗର ସମସ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ଏହା କୃଷି ଅଧିକାରୀଙ୍କ ମାନସିକ ଦୁଶ୍ଚିନ୍ତାର କାରଣ ହୋଇଛି। ଏ ସଂକ୍ରାନ୍ତରେ ସରକାରଙ୍କଠାରୁ ନ୍ୟାୟୋଚିତ ପଦକ୍ଷେପ ନ ମିଳିଲେ ଆସନ୍ତା ୩୧ ତାରିଖଠାରୁ କାର୍ଯ୍ୟବନ୍ଦ କରି ସମୂହ ଛୁଟିରେ ଯିବେ ବୋଲି ସଂଘ ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି।

ଗୋଟିଏ ବେତନହାର ତଥା ଲେବଲ ୧୩ରେ କୃଷି ଜିଲା ଅଧିକାରୀ ଏବଂ ଜିଲା ମୁଖ୍ୟ କୃଷି ଅଧିକାରୀରେ ଦୁଇଟି ପଦୋନ୍ନତି ପଦ ରହିଛି । ଏହା ଅନ୍ୟ କୌଣସି କ୍ୟାଡରରେ ପରିଲକ୍ଷିତ ହୁଏନାହିଁ। ବିଭାଗରେ ଖାଲି ପଦବୀ ପୂରଣ ହେଉନାହିଁ। ସ୍ୱତନ୍ତ୍ର କୃଷି ବଜେଟ୍ ଆଗତ କରାଯାଉଥିଲେ ମଧ୍ୟ ତଦ୍‌ନୁଯାୟୀ କ୍ୟାଡରରେ ଗୋଟିଏ ମଧ୍ୟ ନୂତନ ପଦବୀ ସୃଷ୍ଟି କରାଯାଉନାହିଁ। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ମିଳିବା ପରେ ସଂଘ ପକ୍ଷରୁ ଆନ୍ଦୋଳନକୁ ୧୫ ଅଗଷ୍ଟ ଯାଏ ସ୍ଥଗିତ ରଖାଯାଇଥିଲା। ବାରମ୍ବାର ଦାବି ସତ୍ତ୍ୱେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯାଉନାହିଁ। ନ୍ୟାୟୋଚିତ ପଦକ୍ଷେପ ନ ନେଲେ ସମୂହ କାର୍ଯ୍ୟବନ୍ଦ ଡାକରା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।



କୃଷି ସେବା ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି

## ସଂକ୍ଷେପରେ

### ଶ୍ୱଶୁର ଘରେ ଜ୍ୱାଇଁଙ୍କ ଉନ୍ମତ୍ତକାଣ୍ଡ

ଅନୁଗୋଳ, ୨୦।୮ (ଅମିତ ସାମଲ)

ଅନୁଗୋଳ ସଦର ଥାନା ବାରସିଂହା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ଓ ଶାଶୁଙ୍କୁ ମାଡ଼ ମାରିବା ସହ ଶ୍ୱଶୁରଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଛନ୍ତି ଜ୍ୱାଇଁ। ଶ୍ୱଶୁର ସ୍ୱପ୍ନେଶର ନାଏକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୪୭୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଶୁକ୍ରବାର ବିଳମ୍ବିତ ରାତିରେ ସ୍ୱପ୍ନେଶ୍ୱରଙ୍କ ଜ୍ୱାଇଁ ତଥା ତାଳଚେର ନନ୍ଦିରା କଲୋନୀରେ ରହୁଥିବା ଅକ୍ଷୟ ନାଏକ ବାରସିଂହା ଗ୍ରାମରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ଅକ୍ଷୟ ଓ ତାଙ୍କ ସ୍ତ୍ରୀଙ୍କ ସହିତ ଝଗଡ଼ା ହୋଇଥିଲା। ଏଥିରେ ରାଗି ଯାଇ ଅକ୍ଷୟ ସ୍ତ୍ରୀ ଓ ଶାଶୁଙ୍କୁ ମାଡ଼ ମାରିଥିଲେ। ଏହାପରେ ଶ୍ୱଶୁର ସ୍ୱପ୍ନେଶ୍ୱରଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ପଡୋଶୀ ଲୋକେ ପହଞ୍ଚି ସ୍ୱପ୍ନେଶ୍ୱରଙ୍କୁ ଉଦ୍ଧାର କରିଥିଲେ।

# ୧୨,୯୭୫ ଫଳଚାରା ରୋପଣ

### ପରିବେଶ ସୁରକ୍ଷା ପାଇଁ ଅଣ୍ଟାଭିଡ଼ିଲେ କିଶୋରକିଶୋରୀ

ଅନୁଗୋଳ, ୨୦।୮ (ଅମିତ୍ ସାମଲ)

ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପରିବେଶ ଉପରେ ପଡ଼େନାହିଁ, ଏହା ଶୈଶବକୁ ମଧ୍ୟ ପ୍ରଭାବିତ କରେ। ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ଦୁର୍ବିପାକ ଅନେକ ପରିବାରର ରୋଜଗାର କମାଇଦିଏ। ସ୍ୱାସ୍ଥ୍ୟ, ଶିକ୍ଷା ଭଳି ମୌଳିକ ଆବଶ୍ୟକତା ପୂରଣରେ ଅର୍ଥ ଅଭାବ ଦେଖାଦିଏ। ଏହାକୁ ରୋକାଯିବା ନିହାତି ଆବଶ୍ୟକ। ପୃଥିବୀକୁ ମାଡ଼ି ଆସୁଥିବା ଏଭଳି ବିପତ୍ତିକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଅନୁଗୋଳ ଜିଲା ପ୍ରଶାସନ, ଜିଲା ସମାଜ ମଙ୍ଗଳ ବିଭାଗ, ଜିଲା ଶିଶୁ ସୁରକ୍ଷା ବିଭାଗ, ୟୁନିସେଫ ଏବଂ ଆକ୍ସନ ଏଡ୍‌ର ମିଳିତ ସହଯୋଗରେ ୧୫୫୧ ରାଜସ୍ୱ ଗ୍ରାମରେ ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜିକା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜିଲାର ୧୬୬୨ ଅଙ୍ଗନୱାଡି କେନ୍ଦ୍ରର ୧୬,୧୫୮ କିଶୋରୀକିଶୋର ଏଥିରେ ଅଂଶଗ୍ରହଣ କରି ୧୨ ହଜାର ୯୭୫ ଫଳ ଚାରା ରୋପଣ କରିଥିଲେ। ତନ୍ମଧ୍ୟରେ କିଶୋରନଗର ବ୍ଲକରେ ୩,୭୬୫, ପାଲଲହଡ଼ା ବ୍ଲକରେ ୧,୭୮୯, ଛେଣ୍ଡିପଦା ବ୍ଲକରେ ୨୧୩୦ , ବଣାରପାଳ ବ୍ଲକରେ ୮୯୫, ଆଠମଲିକ ବ୍ଲକରେ ୮୯୦, ତାଳଚେର ବ୍ଲକରେ ୯୨୯, କଣିହାଁ ବ୍ଲକରେ ୧,୮୬୦ ଏବଂ ଅନୁଗୋଳ ବ୍ଲକରେ ୭୧୭ ଚାରା ଲଗାଯାଇଛି।



### ୨୫୨୭ କନ୍ୟାଙ୍କ ଅଗଣାରେ ଗଛ ଲାଗିଲା

ଶିଳ୍ପ ଜିଲା ଅନୁଗୋଳରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ତେଣୁ କନ୍ୟାସନ୍ତାନଙ୍କ ଗୁରୁତ୍ୱ ଉପଲବ୍ଧି କରିବା ଉଦ୍ଦେଶ୍ୟରେ ୨୦୨୩ ଏପ୍ରିଲ୍‌ରୁ ଅଦ୍ୟାବଧି ଜନ୍ମ ନେଇଥିବା ୨୫୨୭ ନବଜାତ କନ୍ୟାଙ୍କ ଘର ଅଗଣାରେ ଲଗାଯାଇଛି ୨୫୨୭ ଚାରା। 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଅଙ୍ଗନୱାଡି କର୍ମୀମାନେ ବୀଜ ସଂଗ୍ରହ କରିବା ନେଇ ସଭା ମାଧ୍ୟମରେ ସଚେତନ କରାଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଆକ୍ସନ ଏଡ୍ ଜିଲା ସଂଯୋଜକ ସନ୍ତୋଷ ବେହେରାଙ୍କ ମିଳିତ ତତ୍ତ୍ୱାବଧାନରେ ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏହାକୁ ବୁଦ୍ଧିଜୀବୀଙ୍କ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି।

## ୨୫ରେ ମେଗା ରକ୍ତଦାନ ଶିବିର



ବୈଠକରେ ଉପସ୍ଥିତ ବିଜେଡି କର୍ମୀମାନେ।

କଣିହାଁ, ୨୦।୮ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବଜ୍ରକୋଟ ମେଡିକାଲଠାରେ ଆସନ୍ତା ୨୫ରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏ ନେଇ ରବିବାର କଣିହାଁ ବ୍ଲକ ଯୁବ ବିଜେଡି ସଭାପତି ଗଗନ ରାଉତଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣିହାଁ ବ୍ଲକ ଛାତ୍ର ସଭାପତି ସଞ୍ଜୟ ମାଝୀ, ବାଲିପଶି ସରପଞ୍ଚ ହାଡ଼ିବନ୍ଧୁ ସେଠୀ, ବଜ୍ରକୋଟ ସରପଞ୍ଚ ପ୍ରଦୀପ ସାକ, ଜୟନ୍ତ ପ୍ରଧାନ, କରୁଣା ପ୍ରଧାନ, ସମିତିସଭ୍ୟ ସୀମାଚଳ ପଣ୍ଡା, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ଷଣ୍ଢ ମୃତ

ବଇଣ୍ଡା, ୨୦।୮ (ପରିକ୍ଷିତ ସାହୁ)



ଠାକୁରଗଡ଼ ଥାନା ବାସୁଦେବପୁର ଗ୍ରାମରେ ବିଦ୍ୟୁତ୍ ଆଘାତରେ ରବିବାର ଏକ ଷଣ୍ଢର ମୃତ୍ୟୁ ଘଟିଛି। ଏଥିସହ ୨ ଜଣ ବ୍ୟକ୍ତି ଅଳ୍ପକେ ରକ୍ଷା ପାଇଯାଇଥିବାବେଳେ ଏ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି।

ଘଟଣାରୁ ଜଣାପଡିଛି, କିଛିଦିନ ହେବ ଏହି ଅଞ୍ଚଳରେ ଏକ ବିଦ୍ୟୁତ୍ ତାର ଓହଳି ରହିଥିଲା। ଶନିବାର ରାତିରେ ଉକ୍ତ ତାର ଛିଣ୍ଡି ତଳେ ପଡି ରହିଥିଲା। ଏହି ବାଟ ଦେଇ ଯାଉଥିବା ଏକ ଷଣ୍ଢ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ତାହାର ମୃତ୍ୟୁ ହୋଇଯାଇଥିଲା। ଏଥିସହ ୨ ଜଣ ବ୍ୟକ୍ତି ବିଦ୍ୟୁତ୍ ଆଘାତରୁ ଅଳ୍ପକେ ରକ୍ଷା ପାଇଛନ୍ତି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ବିଦ୍ୟୁତ୍ ତାର ମରାମତି କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ବୁଲାଗୋରୁଙ୍କ କବ୍‌ଜାରେ ରାସ୍ତା

କଣିହାଁ, ୨୦।୮ (ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍‌ଟିପିସି ବଜାରରେ ବୁଲାଗୋରୁଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ପଥଚାରୀମାନେ ଯାତାୟାତ ସମୟରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କଣିହାଁ, ବିଜିଗୋଳ ଓ ଗଦାଶିଳା ପଞ୍ଚାୟତର କଣିହାଁଠାରୁ ଭୀମକାଣ୍ଡ, ଏନ୍‌ଟିପିସି ବାଇପାସ, ଓଭରବ୍ରିଜ, ପିଟିଏସ ଯିବା ରାସ୍ତାର ହାଟ ମାର୍କେଟ ନିକଟରେ ଶତାଧିକ ବୁଲାଗୋରୁଙ୍କୁ ରାସ୍ତାକୁ ଅକ୍ତିଆର କରି ରଖୁଛନ୍ତି। ଫଳରେ ଯାନବାହନ ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ବୁଲାଗୋରୁଙ୍କୁ ଜବତ କରୁ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ କରି ବୁଲାଗୋରୁଙ୍କୁ ରାସ୍ତାରୁ ହଟାଇ କାଞ୍ଜିଆହୁଦାରେ ରଖିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ରାସ୍ତାରେ ଗୋରୁପଲ।

## ରାସ୍ତାରେ ଧାନତଳି ରୋଇଲେ ଗ୍ରାମବାସୀ



ଗ୍ରାମର ମହିଳାମାନେ କାଦୁଅ ରାସ୍ତାରେ ତଳି ରୋଉଛନ୍ତି।

ଆଠମଲ୍ଲିକ, ୨୦।୮ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ ଯଦୁପୁର ଗ୍ରାମ ମୁଖ୍ୟ ରାସ୍ତାରୁ ଯାଇଥିବା ସଂଯୋଗୀକରଣ ରାସ୍ତା କାଦୁଅରେ ଭର୍ତ୍ତି ହୋଇ ରହିଛି। ଫଳରେ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ଧରି ଏପରି ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହାର ପ୍ରତିବାଦରେ ଗ୍ରାମବାସୀ ରବିବାର ଉକ୍ତ କାଦୁଅ ରାସ୍ତାରେ ଧାନତଳି ରୋଇ ଅଭିନବ ପ୍ରତିବାଦ କରିଛନ୍ତି। ଏ ନେଇ ଗୋଷ୍ଠି ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲା ମଧ୍ୟ ସମ୍ଭବ ହୋଇ ପାରି ନ ଥିଲା।

## ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଛି ଡାଳ



ଆଠମଲ୍ଲିକ, ୨୦।୮ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସହର ସ୍ଥିତ ଗାନ୍ଧୀପାର୍କ ଛକଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଥିବା ମୁଖ୍ୟ ରାସ୍ତାରେ ସମବାୟ ବ୍ୟାଙ୍କ ନିକଟରେ ବଡ ଗଛର ଡାଳ ଭାଙ୍ଗି ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଛି। ଉକ୍ତ ଡାଳକୁ ସୁରକ୍ଷିତ ଅବସ୍ଥାରେ ବାହାର ନ କଲେ ଯେକୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ସମ୍ଭାବନା ରହିଛି। ସେହି ରାସ୍ତାଟି ସବୁବେଳେ ଜନଗହଳି ଲାଗି ରହିଥିବାରୁ ପୂର୍ତ୍ତ ବିଭାଗ ବିଳମ୍ବ ନ କରି ଗଛ କାଟିବାକୁ ସାଧାରଣରେ ଦାବି ହୋଇଛି।

## ଭୁବନ ଦରଜି ସଂଘ ପକ୍ଷରୁ ବୈଠକ



ଭୁବନ, ୨୦।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଦରଜି ସଂଘ ପକ୍ଷରୁ ରବିବାର ସ୍ଥାନୀୟ ବୁଦ୍ଧେଶ୍ୱର ଶୈବପୀଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଚ୍ୟୁତାନନ୍ଦ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ କର୍ମକର୍ତ୍ତା ଅନାମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନ ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ ଯୋଗଦେଇ ସରକାର ଦରଜିଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଉପସଭାପତି ରଘୁନାଥ ରଣା, ସମ୍ପାଦକ ପ୍ରମୋଦ ଦାସ, ଜୟକୃଷ୍ଣ ବେହେରା, ସହ ସମ୍ପାଦକ ରବିନାରାୟଣ ଚିନରା, ଦ୍ୱାରିକା ବେହେରା, କୋଷାଧ୍ୟକ୍ଷା ଅନିତା ସାହୁ, ଟୁପୁସି ବିଶ୍ୱକର୍ମା ଉପସ୍ଥିତ ଥିଲେ। ବରିଷ୍ଠ କର୍ମକର୍ତ୍ତା ଝରଣା ପୋଥାଲ, ସତ୍ୟଭାମା ନାୟକ, ରଶ୍ମିତା ସାହୁ ଓ ଅନୂସୋୟା ସାହୁ ଯୋଗଦେଇ ଦରଜୀ ମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଦରଜି ଯୋଗଦେଇଥିଲେ। ଦେବାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

## ମହୁମାଛି ଚାଷ ଦ୍ୱାରା କୃଷି ଉତ୍ପାଦନ ବଢ଼ିବ

ଛେଣ୍ଡିପଦା, ୨୦।୮ (ଅଜିତ ଧଳ)

ଓଡ଼ିଶା ଜୈବ ବିବିଧତା ବୋର୍ଡ, ପ୍ରକୃତି ପରିବେଶ ଏବଂ ବନ୍ୟଜୀବନ ସମିତି (ନିୟୁଜ)ର ମିଳିତ ଆନୁକୂଲ୍ୟରେ ଛେଣ୍ଡିପଦା ବ୍ଲକ ମାରୁଡ଼ିପ ଗ୍ରାମରେ ଶନିବାର ବିଶ୍ୱ ମହୁମାଛି ଦିବସ ପାଳିତ ହୋଇଯାଇଛି। ମାରୁଡ଼ିପ ବନ ସୁରକ୍ଷା ସମିତି ସଭାପତି ଜୟନ୍ତ କୁମାର ମାଝୀ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଓଡ଼ିଶା ଜୈବବିବିଧତା ବୋର୍ଡର ବିଭିନ୍ନ ପାରଦର୍ଶୀତା ଥିବା ଗବେଷକ ସ୍ମୃତିରଞ୍ଜିତା ମହାରଣା, ଶୁଭଶ୍ରୀ ଦେହୁରୀ, ଜୀବନ ଜେନା, ନିୟୁଜର ସଂଯୋଜକ ପ୍ରିୟବ୍ରତ ବେହେରା, ବନପାଳ ସୁଶାନ୍ତ କୁମାର ନାଏକ ଯୋଗ ଦେଇଥିଲେ। ମହୁମାଛି ଚାଷ ଦ୍ୱାରା ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀଙ୍କ ଜୀବନଜୀବିକା ଉନ୍ନତି ଏବଂ କୃଷି ଉତ୍ପାଦନ ବୃଦ୍ଧି ସମ୍ଭବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସେହିପରି ମହୁମାଛି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରାଯାଇଥିଲା। କଣଲଇ ଗ୍ରାମ ପଞ୍ଚାୟତ ଜୈବବିବିଧତା ପରିଚାଳନା ସମିତି କର୍ମକର୍ତ୍ତା, ବନସୁରକ୍ଷା ସମିତି ସଭ୍ୟ, ବନ ବିଭାଗର କର୍ମକର୍ତ୍ତା ଏଥିରେ ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ବନ ବିଭାଗ କର୍ମଚାରୀଙ୍କ ସମେତ ଅନ୍ୟମାନେ।

## ୧୭୩ ୟୁନିଟ୍ ରକ୍ତ ସଂଗ୍ରହ

ବଇଣ୍ଡା, ୨୦।୮ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣ ମଣ୍ଡପ ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ବସୁଧା ଉପଦେଷ୍ଟା ଦିନେଶ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୌରେନ୍ଦ୍ରୀ ପ୍ରଧାନ, ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ପ୍ରଧାନ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ବିଲେଇନାଳୀ ସରପଞ୍ଚ ବବିତା ପ୍ରଧାନ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ, ସମିତିସଭ୍ୟା ମାନସୀ ପ୍ରଧାନ, ବିଜେଡି ନେତା ସନ୍ତୋଷ ପ୍ରଧାନ, ସୁନୀଲ ପ୍ରଧାନ, ତପନ ସାହୁ, ଆରୁଣୀ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୧୭୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଆଖପାଖ ଅଞ୍ଚଳରୁ ଯୁବତୀଯୁବକମାନେ ରକ୍ତଦାନ କରିଥିଲେ। ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସରୋଜ ନନ୍ଦ ଯୋଗ ଦେଇଥିଲେ। ଅନୁଗୋଳ ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ସହଯୋଗ କରିଥିଲେ। ରାଜା ଶର୍ମା, ସୁମନ୍ତ ବେହେରା, ସୁନୀଲ ବିଶ୍ୱାଳ, ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

## ପ୍ଲାଟିନମ୍ ଜୁବିଲି ପାଳନ କମିଟି ଗଠିତ

### ସଭାପତି ଅଶୋକ, ସମ୍ପାଦକ ରାଜକିଶୋର

ଛେଣ୍ଡିପଦା, ୨୦।୮ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ସଦର ମହାକୁମାରେ ଥିବା ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟରେ ପ୍ଲାଟିନମ୍ ଜୁବିଲି ପାଳନ ହେବ। ଏ ନେଇ ରବିବାର ବିଦ୍ୟାଳୟ ପରିସରରେ ୪ର୍ଥ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ପାଳନ କମିଟି ପାଇଁ ସର୍ବସମ୍ମତିକ୍ରମେ ସଭାପତି ଭାବେ ଅଶୋକ ପ୍ରଧାନ, ଉପ ସଭାପତି ଯଶୋବନ୍ତ ପ୍ରସାଦ ବେହେରା, ସମ୍ପାଦକ ରାଜକିଶୋର ସାହୁ, ଗଣେଶ୍ୱର ପ୍ରଧାନ, ଦଣ୍ଡଧର ଦେହୁରୀ, ପ୍ରମୋଦ ବେହେରା, କୋଷାଧ୍ୟକ୍ଷ ଗୋବିନ୍ଦଚନ୍ଦ୍ର ପ୍ରଧାନ, ସହ କୋଷାଧ୍ୟକ୍ଷ ଜଗବନ୍ଧୁ ସାହୁ, ଉପଦେଷ୍ଟା ଚନ୍ଦ୍ରମଣି ପ୍ରଧାନ, ଅଗସ୍ତି ବେହେରା, ଲମ୍ବୋଦର ସାହୁ, ରବୀନ୍ଦ୍ର ସେଠୀ, ସୁଦୀପ୍ତ ପ୍ରଧାନ, ଦିଲୀପ ବେହେରା, ଉମେଶ ଚନ୍ଦ୍ର ଦାଶ, ବୃନ୍ଦାବନ ପ୍ରଧାନ, ଲମ୍ବୋଦର ପ୍ରଧାନ, ପଦ୍ମ ଲୋଚନ ପ୍ରଧାନ, ବଳରାମ ସାହୁ, ସୋସିଆଲ ମିଡ଼ିଆ ସଂଯୋଜକ ଅକ୍ଷୟପାଦ ବେହେରା, ସହ ସଂଯୋଜକ ତପନ ବେହେରା ମନୋନୀତ ହୋଇଛନ୍ତି। ଆଲୁମ୍‌ନି କମିଟି ସଭାପତି ଲମ୍ବୋଦର ପ୍ରଧାନ ଓ ସ୍କୁଲ ପରିଚାଳନା କମିଟି ସଭାପତି ସୁଜିତ୍ ପ୍ରଧାନଙ୍କ ଉପସ୍ଥିତିରେ ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ ପରିଚାଳନା କରିଥିଲେ। ପରବର୍ତ୍ତୀ ବୈଠକରେ ପ୍ଲାଟିନମ୍ ଜୁବିଲି ପାଳନ ପାଇଁ ଦିନ ଧାର୍ଯ୍ୟ କରାଯିବା ବୋଲି ନିଷ୍ପତ୍ତି ହୋଇଥିଲା। ବିଦ୍ୟାଧର ବେହେରା, ଗଗନ ମହାପାତ୍ର, ପରମା ପ୍ରଧାନ, ଜୟକୃଷ୍ଣ ସାହୁ, ସତ୍ୟବାଦୀ ପ୍ରଧାନ, ବିପିନ ପ୍ରଧାନ, ବଳରାମ ସାହୁ, ଦୀପକ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତାମାନେ।

